# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**4 March - 2026**

*********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନ ଦାଖଲର ଶେଷ ଦିବସ ।
- ଚଳିତମାସ ସୁଦ୍ଧା କନ୍ଧମାଳକୁ ମାଓବାଦୀ ମୁକ୍ତ କରିବା ଲକ୍ଷ୍ୟ ରଖାଯାଇଛି - କହିଲେ ଜିଲ୍ଲା ଏସ୍‌ପି ।

ଏବଂ

- ଆନନ୍ଦ ଓ ଉଲ୍ଲାସର ସହ ପାଳିତ ହେଲା ଭାଇଚାରାର ପର୍ବ ହୋଲି ।

- ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣରେ ୪ ଜଣଙ୍କ ମୃତ୍ୟୁ ।

## ଅମିତ୍ ଶାହା - ଓଡ଼ିଶା ଗସ୍ତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ । ଶ୍ରୀ ଶାହା ଆସନ୍ତାକାଲି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବେ । ଆସନ୍ତା ଶୁକ୍ରବାର ସକାଳେ କଟକ ମୁଣ୍ଡୁଳିସ୍ଥିତ ସି.ଆଇ.ଏସ୍.ଏଫ୍.ର ପ୍ରତିଷ୍ଠା ଦିବସରେ ଯୋଗ ଦେବାର କାର୍ଯ୍ୟସୂଚୀ

ରହିଛି । ଅପରାହ୍ଣରେ ଜଟଣୀଠାରେ ଜାତୀୟ ଫୋରେନ୍‌ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ଫୋରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାରର ଭୁବନେଶ୍ୱର କ୍ୟାମ୍ପସ୍ ପାଇଁ ଭୂମିପୂଜନ କରିବେ । ପରେ ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ରାଜ୍ୟସଭା ପ୍ରାର୍ଥୀ ନାମାଙ୍କନପତ୍ର

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିବସ।  ୬ ତାରିଖ ଦିନ ପ୍ରାର୍ଥୀପତ୍ର ଯାଞ୍ଚ ସହ ୯ ତାରିଖକୁ ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି । ଆସନ୍ତା ୧୬ ତାରିଖ ଦିନ ଏହି ଆସନଗୁଡ଼ିକ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ଅର୍ନ୍ତଭୁକ୍ତ। ରାଜ୍ୟସଭା ନିର୍ବାଚନ ପାଇଁ ବିଜେପି ପକ୍ଷରୁ ଦୁଇ ଜଣଙ୍କ ନାମ ଘୋଷଣା କରାଯାଇଛି । ଓଡ଼ିଶା ରାଜ୍ୟଶାଖା ସଭାପତି ମନମୋହନ ସାମଲ ଏବଂ ସୁଜିତ କୁମାର ଦଳ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ସ୍ୱାଧୀନ ପ୍ରାର୍ଥୀଭାବେ ଦିଲ୍ଲୀପ ରାୟ ରାଜ୍ୟସଭା ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି । ତାଙ୍କ ପ୍ରାର୍ଥିତ୍ୱକୁ ବିଜେପି ପକ୍ଷରୁ ସମର୍ଥନ  କରାଯାଇଛି। ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ ଲକ୍ଷ୍ୟ ନେଇ ଶ୍ରୀ ରାୟ ବିଜେପି ସମେତ କଂଗ୍ରେସର ରାଜ୍ୟ ଶୀର୍ଷ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି । ଅନ୍ୟପକ୍ଷରେ ବିଜୁ ଜନତା ଦଳ ପକ୍ଷରୁ ଡକ୍ଟର ସନ୍ତୃପ୍ତ ମିଶ୍ର

ଏବଂ ସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କୁ ମନୋନୀତ କରାଯାଇଛି ।

## ମାଓ ଅଭିଯାନ

କେନ୍ଦ୍ର ସରକାର ୨୦୨୬ ମସିହା ସୁଦ୍ଧା ଦେଶକୁ ମାଓମୁକ୍ତ କରିବାର ଲକ୍ଷ୍ୟ ରଖିଛନ୍ତି । ଏହିକ୍ରମରେ ରାଜ୍ୟ ସରକାର ମଧ୍ୟ ପଦକ୍ଷେପ ନେଉଛନ୍ତି । କନ୍ଧମାଳ ଜିଲ୍ଲାର ମାଓବାଦୀ ପ୍ରବଣ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଦୁର୍ଦ୍ଧାନ୍ତ ମାଓନେତା ସୁକ୍ରୁ'କୁ ଧରିବା ପାଇଁ ସୁରକ୍ଷା ବାହିନୀ ଡ୍ରୋନ୍ ସାହାଯ୍ୟରେ ତଲାସୀ ଅଭିଯାନକୁ ଜୋରଦାର କରିଛନ୍ତି। ଚଳିତମାସ ଶେଷସୁଦ୍ଧା ଓଡ଼ିଶାକୁ ମାଓମୁକ୍ତ ରାଜ୍ୟଭାବେ ଗଢ଼ିତୋଳିବା ପାଇଁ ପ୍ରୟାସ ଜାରି ରହିଛି। ଆତ୍ମ ସମର୍ପଣ ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପୁଲିସ ବିଭାଗ ପକ୍ଷରୁ ମାଓବାଦୀଙ୍କୁ ନିବେଦନ କରାଯାଇଛି। କନ୍ଧମାଳ ଏସ୍‌ପି ହରିଶ ବି.ସି କହିଛନ୍ତି ମାଓମାଦୀବାନେ ହିଂସା ଛାଡି ଆତ୍ମ ସମର୍ପଣ କଲେ ସରକାରୀ ବ୍ୟବସ୍ଥାରେ ସମସ୍ତ ଥଇଥାନ ସୁବିଧା ମିଳିବ । ଚଳିତମାସ ସୁଦ୍ଧା କନ୍ଧମାଳକୁ ମାଓମୁକ୍ତ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି ଏସ୍‌ପି କହିଛନ୍ତି ।

**- V/O –**

## ବିମାନ ଉଡାଣ ବାତିଲ

ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁଁ ଫସି ରହିଥିବା ଯାତ୍ରୀଙ୍କ ପରିବହନକୁ ସହଜ କରିବା ପାଇଁ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ଆଜି ଭାରତ ଏବଂ ଉପସାଗରୀୟ ଅଞ୍ଚଳ ମଧ୍ୟରେ ୫୮ଟି ବିମାନ ଉଡ଼ାଣ କରିବାର ସୂଚନା ରହିଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଇଣ୍ଡିଗୋ ଦ୍ୱାରା ୩୦ଟି ଏବଂ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ ଦ୍ୱାରା ୨୩ଟି ଉଡ଼ାଣ କରାଯାଉଥିବା ଜଣାପଡିଛି ।

## ଗୋ-ହୋମ୍‌ଷ୍ଟେ ପୋର୍ଟାଲ

ଓଡ଼ିଶା ହୋମ୍‌ଷ୍ଟେ ୱାର୍କସପ୍ ଏବଂ ଗୋ-ହୋମ୍‌ଷ୍ଟେ ପୋର୍ଟାଲର ଆସନ୍ତାକାଲି ଶୁଭାରମ୍ଭ ହେବ । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କାର୍ଯ୍ୟକ୍ରମରେ ଯୋଗଦେଇ ପୋର୍ଟାଲର ଶୁଭାରମ୍ଭ କରିବେ ।

## ହୋଲି

ଦେଶବ୍ୟାପି ଆଜି ଆନନ୍ଦ ଉଲ୍ଲାସର ସହ ରଙ୍ଗ ତଥା ଭାଇଚାରର ପର୍ବ ହୋଲି ପାଳନ କରାଯାଇଛି ।

ହୋଲି ଏବଂ ହୋଲି ପରବର୍ତ୍ତୀ ସମୟରେ ଅଘଟଣକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ନଦୀଘାଟଗୁଡ଼ିକରେ ଅଗ୍ନିଶମ ବାହିନୀ କର୍ମଚାରୀମାନଙ୍କୁ ମୁତୟନ କରାଯାଇଥିଲା। ଅଘଟଣକୁ ରୋକିବାପାଇଁ ଭୁବନେଶ୍ୱର କମିଶନରେଟ୍

ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର  ବ୍ୟବସ୍ଥା କରାଯାଇଥିବା ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ କହିଛନ୍ତି ।

**- V/O -**

ହୋଲି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟିଥିବା ଖବର ହସ୍ତଗତ ହୋଇଛି । କଟକ ଜିଲ୍ଲା ବଡମ୍ବା ଟି-ସେତୁ ନିକଟରେ ହୋଲିରଙ୍ଗ ଖେଳି ଗାଧୋଇବା ସମୟରେ ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି । ଯାଜପୁର ଜିଲ୍ଲା ବ୍ରାହ୍ମଣୀ ନଦୀର ଖରିପଡ଼ିଆ ଘାଟରେ ବୁଡ଼ି ଜଣେ ଯୁବକ ପ୍ରାଣ ହରାଇଥିବାବେଳେ ବ୍ୟାସନଗର ସହରର ଜୋକୋଡିଆ ଖରସ୍ରୋତା ନଦୀରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି । ସେହିଭଳି ଚମ୍ପିଅରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି ।

# ଶ୍ରୀମନ୍ଦିର-ହୋଲି ନୀତି

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ହୋଲି ନୀତି ଓ ଚନ୍ଦନ ଯାତ୍ରାର ଶୁଭ ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି । ଚୈତ୍ର କୃଷ୍ଣପ୍ରତିପଦା ତିଥିରେ ଦୋଳଯାତ୍ରାର ଅନ୍ତିମ ପର୍ବରେ ଆଜି ମଧ୍ୟାହ୍ନ ଧୂପ ବେଶରେ ଶ୍ରୀଜୀଉଙ୍କ ନିକଟରେ ୩ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିଲା । ମଧ୍ୟାହ୍ନ ଧୂପ ବଢ଼ିବା ପରେ ଗମ୍ଭିରାରେ ପାଣିପଡ଼ି ସଫା ହେବା ସହ ଦକ୍ଷିଣୀଘର ଭୋଗ ହୋଇଥିଲା । ପରେ ଦୋଳଗୋବିନ୍ଦ ରତ୍ନ ସିଂହାସନରେ ବିଜେ କରିଥିଲେ । ମହାଜନ ସେବକ ଭୂଦେବୀ-ଶ୍ରୀଦେବୀ ଦୋଳଗୋବିନ୍ଦଙ୍କୁ ମୁକ୍ତିମଣ୍ଡପ ନିକଟରେ ଥିବା ବିମାନକୁ ବିଜେ କରାଇଥିଲେ । ବିମାନବଡୁ

ସେବକ ବିମାନକୁ ସିଂହଦ୍ୱାର ଦେଇ ନରେନ୍ଦ୍ର ଚକଡାକୁ ବିଜେ କରାଇବେ । ସେଠାରେ ମୁଦିରସ୍ତ ସେବକଙ୍କ ଦ୍ୱାରା ଅନ୍ୟାନ୍ୟ ନୀତି କରାଯିବା ସହ ପଞ୍ଚ ଉପଚାରରେ ଶୀତଳଭୋଗ ମଣୋହି କରାଯିବ । ଦିଅଁଙ୍କୁ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଲାଗି କରାଯିବ । ପରେ ଦେଉଳକୁ ବାହୁଡା ବିଜେରେ ଠାକୁରମାନେ ଆସିବା ସହ ସଂଧ୍ୟାଆରତୀ ନୀତି କରାଯିବ ।

# ଅଭିଯୋଗ ଶୁଣାଣି

ମହିଳାଙ୍କ ଅଧିକାର, କଲ୍ୟାଣ ଏବଂ ଅନ୍ୟାନ୍ୟ ସମସ୍ୟା ସହ ଜଡିତ ଅଭିଯୋଗର ଶୁଣାଣି ପାଇଁ ଆସନ୍ତା ଶୁକ୍ରବାର  ପୂର୍ବାହ୍ନ ୧୦ଟାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାତୀୟ ମହିଳା ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗର ମିଳିତ ସହଯୋଗରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ଜନଶୁଣାଣିରେ ଅଭିଯୋଗ ଗୁଡ଼ିକର ସମାଧାନ ଚାହୁଁଥିବା ଅଭିଯୋଗକାରୀ ମହିଳା ଓ ଅନ୍ୟପକ୍ଷମାନେ ଉପସ୍ଥିତ ରହି ନିଜ ପକ୍ଷ ଉପସ୍ଥାପନ କରିପାରିବେ । ଏହାର ସୁଯୋଗ ନେବାକୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

# ବୃନ୍ଦାବନ ମହୋତ୍ସବ

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ବୃନ୍ଦାବନ ଗୁରୁକୂଳ ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆଜି ସଂଧ୍ୟାରେ ବୃନ୍ଦାବନ

ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ବିଶିଷ୍ଟ ସଂଗୀତଜ୍ଞ ପଦ୍ମଶ୍ରୀ ହରିହରଣ କାର୍ଯ୍ୟକ୍ରମରେ ସଂଗୀତ ପରିବେଷଣ କରିବେ ।

## ସ୍ୱତନ୍ତ୍ର ଟ୍ରେନ

ସାଲିମାର-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ ବର୍ତ୍ତମାନ ନିୟମିତ ଭାବେ ଚଳାଚଳ କରିବ ବୋଲି ରେଳମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି ଟ୍ରେନକୁ ଜଳେଶ୍ୱର-ବସ୍ତା-ରୁପସା-ଜୁପୁରା-ବେତନଟୀ-କିଷ୍ଟଚନ୍ଦ୍ରପୁର-ଜାମସୋଲ-ବାରିପଦା ଦେଇ ଚଳାଚଳ କରିବ । ସେହିଭଳି ଚାର୍ଲାପାଲି-ସାଲିମାର-ଅମୃତଭାରତ ଏକ୍ସପ୍ରେସ, ବ୍ରହ୍ମପୁର-ଖୋର୍ଦ୍ଧାରୋଡ-ଭୁବନେଶ୍ୱର-କଟକ-ଯାଜପୁର-କେନ୍ଦୁଝର-ଭଦ୍ରକ ଏବଂ ବାଲେଶ୍ୱର ଦେଇ ଚଳାଚଳ କରିବ । ଭଞ୍ଜପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ ଭଞ୍ଜପୁର-ପୁରୀ ଏକ୍ସପ୍ରେସ ମଧ୍ୟ ନିୟମିତ ଚଳାଚଳ କରିବ ।

# ଅଭିଯୋଗ ଶୁଣାଣି

ମହିଳାଙ୍କ ଅଧିକାର, କଲ୍ୟାଣ ଏବଂ ଅନ୍ୟାନ୍ୟ ସମସ୍ୟା ସହ ଜଡ଼ିତ ଅଭିଯୋଗର ଶୁଣାଣି ପାଇଁ ଆସନ୍ତା ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜାତୀୟ ମହିଳା ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗର ମିଳିତ ସହଯୋଗରେ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭାଗୃହରେ ହେବାକୁଥିବା ଜନଶୁଣାଣିରେ ଅଭିଯୋଗ ଗୁଡ଼ିକର ସମାଧାନ ଚାହୁଁଥିବା ଅଭିଯୋଗକାରୀ ମହିଳା ଓ ଅନ୍ୟପକ୍ଷମାନେ ଉପସ୍ଥିତ ରହି ନିଜ ପକ୍ଷ

ଉପସ୍ଥାପନ କରିପାରିବେ। ଏହାର ସୁଯୋଗ ନେବାକୁ ଆୟୋଗଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

## ଅନନ୍ୟ ଅସ୍ମିତା ଲିଗ୍

ଅନ୍ତର୍ଜାତୀୟ ମହିଳା ଦିବସ ଆସନ୍ତା ୮ ତାରିଖରେ ପାଳନ ହେବା ଉପଲକ୍ଷେ ଦେଶବ୍ୟାପୀ 'ଅନନ୍ୟ ଅସ୍ମିତା ଲିଗ୍' କାର୍ଯ୍ୟକ୍ରମର ଆୟୋଜନ ନେଇ କେନ୍ଦ୍ର କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ ଘୋଷଣା କରିଛନ୍ତି। ଏହି ଲିଗ୍ ଦେଶର ୨୫୦ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ରାଜ୍ୟର ବଲାଙ୍ଗିର, ଭଦ୍ରକ, ଗଜପତି, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା ଓ ନୟାଗଡ଼ରେ ବିଭିନ୍ନ ବୟସ ବର୍ଗରେ କ୍ରୀଡ଼ା ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। କ୍ରୀଡାକୁ କ୍ୟାରିୟର ଭାବେ ଗ୍ରହଣ କରିବା କ୍ଷେତ୍ରରେ ଗ୍ରାମାଞ୍ଚଳ ଓ ଛୋଟଛୋଟ ସହରର ବାଳିକାମାନଙ୍କୁ ଆକର୍ଷିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।